# NATIONAL NEWS BULLETIN (ODIA)
## 25 September - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଭାରତ ଏକ ଦୁର୍ନୀତିମୁକ୍ତ ତଥା ଦ୍ରୁତ ବିକାଶଶୀଳ ଦେଶ ଭାବେ ବର୍ତ୍ତମାନ ବିଶ୍ୱରେ ପରିଗଣିତ ହେଉଛି, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମହାରାଷ୍ଟ୍ର ଗସ୍ତ କରି ୨୨ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ ।
- ଉତ୍ସାହଜନକ ଅର୍ଥ ବ୍ୟବସ୍ଥା ଯୋଗୁଁ ବିଶ୍ୱବ୍ୟାପି ପୁଞ୍ଜିନିବେଶକଙ୍କ ଲାଗି ଭାରତ ହୋଇଛି ପସନ୍ଦ ଯୋଗ୍ୟ ଲକ୍ଷ୍ୟ ସ୍ଥଳ, କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।
- ଜାମ୍ମୁ କାଶ୍ମୀର ବିଧାନସଭା ଲାଗି ଆଜି ହୋଇଥିବା  ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଅପରାହ୍ଣ ୫ଟା ସୁଦ୍ଧା ୫୪ ପ୍ରତିଶତ ମତଦାନ ।

ଏବଂ

- ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଜାରି ରହିଛି ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ।

## ପ୍ରଧାନମନ୍ତ୍ରୀ-ସୋନିପଥ

ବିଜେପି ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଜେପି ସରକାରଙ୍କ ଅଧୀନରେ ଶିଳ୍ପୀ ଏବଂ କୃଷି କ୍ଷେତ୍ରରେ ହରିୟାଣା ଦେଶର ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି । ଆଜି ହରିୟାଣାର ସୋନିପଥ ଜିଲ୍ଲା ଅନ୍ତର୍ଗତ ଗୋହାନାଠାରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱାର ଭାରତ ପ୍ରତି ବିଶ୍ୱାସ ବୃଦ୍ଧି ପାଇଛି ।  ଭାରତ ବର୍ତ୍ତମାନ ଏକ ଦୁର୍ନୀତିମୁକ୍ତ ତଥା ଦ୍ରୁତ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ର ଭାବେ ବିଶ୍ୱରେ ପରିଗଣିତ ହେଉଛି । ଯଦି ଆଗାମୀ ଦିନରେ କୌଣସି ଦେଶ ଦ୍ରୁତ ଗତିରେ ବିକାଶ କରିପାରେ ତାହା କେବଳ ଭାରତ ବୋଲି ସମଗ୍ର ବିଶ୍ୱ ଅନୁଭବ କରୁଥିବା ସମ୍ପର୍କରେ ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି, ବିଶ୍ୱ ବ୍ୟାପି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବଡ଼ ବଡ଼ କମ୍ପାନି ଗୁଡ଼ିକ ଭାରତରେ ପୁଞ୍ଜିନିବେଶ ଲାଗି ଆଗ୍ରହର ସହ ଅପେକ୍ଷା କରି ରହିଛନ୍ତି । ଏହି କମ୍ପାନି ଗୁଡ଼ିକ ଯେତେବେଳେ ଭାରତରେ ପୁଞ୍ଜିନିବେଶ କରିବେ ଏହା ଅନ୍ୟ ରାଜ୍ୟଗୁଡ଼ିକ ସହିତ ହରିୟାଣାର ଯୁବବର୍ଗ ଓ କୃଷକଙ୍କୁ ମଧ୍ୟ ଲାଭାନ୍ୱିତ କରିବ । ଶିଳ୍ପ

କ୍ଷେତ୍ରରେ ପ୍ରଗତି ହେଲେ ଏହାର ଲାଭ ଗରିବ, ଚାଷୀ ଓ ଦଳିତ ବର୍ଗଙ୍କୁ ଉପଲବ୍ଧ ହୋଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ହରିୟାଣାରେ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଅନେକ ଗୁଡ଼ିଏ ଶିଳ୍ପ ସହର ସ୍ଥାପନ କରାଯିବ ବୋଲି ବିଜେପି ଘୋଷଣା କରିଛି । ଏହାଛଡ଼ା ଅଲିମ୍ପିକ୍ସ ଏବଂ ପାରା ଅଲିମ୍ପିକ୍ସ ପ୍ରତିଯୋଗିତା ଇତିହାସରେ ଭାରତ ଲାଗି ହରିୟାଣାର ଖେଳାଳିମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ୨୦୩୬ ମସିହାରେ ଅଲିମ୍ପିକ୍ସ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ଦିଗରେ ଭାରତ ସମସ୍ତ ପଦକ୍ଷେପ ନେଉଛି । ଏହାଦ୍ୱାରା ହରିଆନାର ଯୁବବର୍ଗ ବିଶେଷ କରି ପ୍ରତ୍ୟେକ ଗ୍ରାମର ପ୍ରତିଭାବାନ ଖେଳାଳିମାନେ ଲାଭାନ୍ୱିତ ହେବେ ବୋଲି ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତର ତୃତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ସୋନିପଥରେ ସ୍ଥାପନ କରାଯାଇଛି । ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଅଲିମ୍ପିକ୍ କ୍ରୀଡ଼ା ନର୍ସରିମାନ ସ୍ଥାପନ କରାଯିବ ବୋଲି ହରିୟାଣା ବିଜେପି ପକ୍ଷରୁ ଘୋଷଣା କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟରେ ଦିନକୁ ଦିନ ବିଜେପି ପ୍ରତି ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି ।

ଅନ୍ୟ ପକ୍ଷରେ ମତଦାନର ଦିବସ ଯେତେ ପାଖେଇ ଆସୁଛି କଂଗ୍ରେସ ଦଳ ନିଜର ଆଶା ହରାଇ ବସୁଛି ବୋଲି ସେ କହିଛନ୍ତି । ଯେଉଁଠାରେ ବି କଂଗ୍ରେସ ଶାସନକୁ ଆସିଛି ଏହା ଦୁର୍ନୀତିକୁ ପ୍ରୋତ୍ସାହନ ଦେଇଛି ବୋଲି ସେ କହିଛନ୍ତି । ଜାମ୍ମୁ କାଶ୍ମୀରରେ ବିଧାନସଭା ନିର୍ବାଚନ

ଏକ ଶାନ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ କରାଯାଉଥିବା ଦୃଷ୍ଟିରୁ ଏହି ଗଣତନ୍ତ୍ରର ପର୍ବରେ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଠାକାର ମତଦାତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରଧାନମନ୍ତ୍ରୀ-ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ର ଗସ୍ତ କରି ୨୨ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପୁନେ ଠାରେ ଜିଲ୍ଲା ଅଦାଲତରୁ ସ୍ୱାର୍ଗେଟ୍ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଟ୍ରୋ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ସେହିଭଳି ସୁପର କମ୍ପ୍ୟୁଟିଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରାୟ ୧୩୦ କୋଟି ଟଙ୍କାର ତିନୋଟି ପରମରୁଦ୍ର ସୁପର କମ୍ପ୍ୟୁଟର ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ସୁପର କମ୍ପ୍ୟୁଟର ଗୁଡ଼ିକ ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ୍ ଅଧୀନରେ ସ୍ୱଦେଶ ଜ୍ଞାନକୌଶଳରେ ବିକଶିତ କରାଯାଇଛି । ବିଭିନ୍ନ ଅଗ୍ରଣୀ ବୈଜ୍ଞାନିକ ଗବେଷଣାତ୍ମକ କାର୍ଯ୍ୟରେ ସହାୟତା କରିବା ଲାଗି ଏହି ସୁପର କମ୍ପ୍ୟୁଟର ଗୁଡ଼ିକୁ ପୁନେ, ଦିଲ୍ଲୀ ଓ

କୋଲକାତାରେ ସ୍ଥାପନ କରାଯାଇଛି । ଏହାଛଡ଼ା ଶ୍ରୀ ମୋଦୀ ପାଣିପାଗ ଓ ଜଳବାୟୁ କ୍ଷେତ୍ରରେ ଗବେଷଣା ଲାଗି ଏକ ଆଧୁନିକ ଜ୍ଞାନକୌଶଳ ସମ୍ପନ୍ନ କମ୍ପ୍ୟୁଟିଂ ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ପ୍ରାୟ ୮୫୦ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଥିବା ଏହି କମ୍ପ୍ୟୁଟିଂ ବ୍ୟବସ୍ଥା' ଭାରତର ପାଣିପାଗ କ୍ଷେତ୍ରକୁ ଅଧିକ ସହାୟତା ଯୋଗାଇବ ।

## ଧନଖଡ଼-ବାଣିଜ୍ୟ ମେଳା

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଭାରତର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଏକ ଉତ୍ସାହଜନକ ସ୍ଥିତିରେ ଥିବାରୁ ବିଶ୍ୱବ୍ୟାପି ପୁଞ୍ଜିନିବେଶକଙ୍କ ଲାଗି ଏହା ଏକ ପସନ୍ଦ ଯୋଗ୍ୟ ଲକ୍ଷ୍ୟ ସ୍ଥଳ ହୋଇପାରିଛି । ଆଜି ଗ୍ରେଟର ନୋଇଡା ଠାରେ ଉତ୍ତରପ୍ରଦେଶ ଆନ୍ତର୍ଜାତିକ ବାଣିଜ୍ୟ ମେଳା ୨୦୨୪ର ଦ୍ୱିତୀୟ ସଂସ୍କରଣକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଧନଖଡ଼ କହିଛନ୍ତି, ଆଗାମୀ ଦଶନ୍ଧିରେ ଭାରତର ଅଭିବୃଦ୍ଧିହାର ୮ ପ୍ରତିଶତ ରହିବା ଆଶା କରାଯାଉଛି । ବର୍ତ୍ତମାନ ଭାରତ ପ୍ରାୟ ୪ ଟ୍ରିଲିୟନ୍ ଡଲାର୍ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ୧୨ଟି ନୂତନ ଶିଳ୍ପଜୋନ୍ ପ୍ରତିଷ୍ଠା ହେବା ଦ୍ୱାରା ଉତ୍ପାଦନ କ୍ଷେତ୍ରକୁ ଅନେକ ପ୍ରୋତ୍ସାହନ ମିଳିଛି । ଏତଦବ୍ୟତୀତ କୃତ୍ରିମ ବୁଦ୍ଧିମତା ଓ ସେମିକଣ୍ଡକ୍ଟର ଭଳି ନୂତନ ଜ୍ଞାନକୌଶଳ କ୍ଷେତ୍ରରେ

ଭାରତ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଯାଉଛି ବୋଲି ଶ୍ରୀ ଧନଖଡ଼ ମତବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଏ ସମ୍ପର୍କରେ ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାର ଭାଗିଦାରୀ ଦେଶ ଭାବେ ଭିଏତ୍‌ନାମ ଅଂଶଗ୍ରହଣ କରିଛି । ୫ ଦିନ ଧରି ଚାଲିବାକୁ ଥିବା ଏହି ବାଣିଜ୍ୟ ମେଳାରେ ଭାରତ ସମେତ ୭୦ଟି ଦେଶରୁ ୨୫୦୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀ ନିଜର ଉତ୍ପାଦ ପ୍ରଦର୍ଶନ କରୁଛନ୍ତି । ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାର ପ୍ରଥମ ସଂସ୍କରଣକୁ ଗତବର୍ଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ ।

## ଜାମ୍ମୁ କାଶ୍ମୀର-ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଜାମ୍ମୁ କାଶ୍ମୀର ବିଧାନସଭା ଲାଗି ଆଜି ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଅପରାହ୍ଣ ୫ଟା ସୁଦ୍ଧା ୫୪ ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି । ଏହି କେନ୍ଦ୍ର ଶାସିତ ଅଞ୍ଚଳର ୬ଟି ଜିଲ୍ଲା ଅନ୍ତର୍ଗତ ୨୬ଟି ବିଧାନସଭା ଆସନ ଲାଗି ଆଜି ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ କରାଯାଇଥିଲା । ମତଦାତାମାନେ ଶାନ୍ତିଶୃଙ୍ଖଳାର ସହ ସମ୍ପୃକ୍ତ ଜିଲ୍ଲା ଗୁଡ଼ିକରେ ମୋଟ୍ ୩ ହଜାର ୫୦୨ଟି ମତଦାନ କେନ୍ଦ୍ରରେ

ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଯେଉଁସବୁ ଜିଲ୍ଲାରେ ଆଜି ମତଦାନ ଅନୁଷ୍ଠିତ ହୋଇଛି ସେଗୁଡ଼ିକ ହେଲା – ଜାମ୍ମୁର ରାଜୌରୀ, ରିଆସି ଓ ପୁଞ୍ଚ ଏବଂ କାଶ୍ମୀର ଉପତ୍ୟକାର ଶ୍ରୀନଗର, ବୁଡ଼ଗାଁଓ ଓ ଗନ୍ଦରବାଲ୍ । ପ୍ରାୟ ୭୫ ଲକ୍ଷ ୭୮ ହଜାର ମତଦାତା ଏହି ପର୍ଯ୍ୟାୟ ନିର୍ବାଚନରେ ୨୩୯ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏହାଛଡ଼ା ଏହି ପର୍ଯ୍ୟାୟରେ ଦେଶ ବ୍ୟାପି ସ୍ଥାପନ କରାଯାଇଥିବା ୨୪ଟି ମତଦାନ କେନ୍ଦ୍ରରେ ୧୫ ହଜାର ୫୦୦ରୁ ଊର୍ଦ୍ଧ୍ୱ ବିସ୍ଥାପିତ କାଶ୍ମୀର ପଣ୍ଡିତମାନେ ମତଦାନ କରିଥିବା ଜଣାଯାଇଛି ।

ଜାମ୍ମୁ କାଶ୍ମୀରରେ ୩ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯାଉଛି । ଚଳିତ ମାସ ୧୮ ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରାୟ ୬୧ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଥିଲା । ଆସନ୍ତାମାସ ପହିଲାରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ୪୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବ । ଅକ୍ଟୋବର ୮ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ହରିୟାଣା ବିଧାନସଭା ନିର୍ବାଚନ

ହରିୟାଣାର ୯୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଲାଗି ଆସନ୍ତାମାସ ୫ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ଏହି ଅବସରରେ

ଆଜି ଆମେ ନଜର ପକାଇବା ରାଜ୍ୟର ଭିୱାନି-ମହେନ୍ଦ୍ରଗଡ଼ ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ତୋଷାମ ବିଧାନସଭା କ୍ଷେତ୍ର ଉପରେ । ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆସନରୁ ବିଜେପି ପକ୍ଷରୁ ଶ୍ରୁତି ଚୌଧୁରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଅନିରୁଦ୍ଧ ଚୌଧୁରୀଙ୍କୁ କଂଗ୍ରେସ ଟିକେଟ୍ ପ୍ରଦାନ କରିଛି । ୨୦୧୯ ମସିହାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ତୋଷାମ ଆସନରୁ କଂଗ୍ରେସ ପ୍ରାର୍ଥୀ କିରଣ ଚୌଧୁରୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କୁ ୭୨ ହଜାର ୬୯୯ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ ।

ଅନ୍ୟ ପକ୍ଷରେ ଜନନାୟକ ଜନତା ପାର୍ଟି ପକ୍ଷରୁ ରାଜେଶ ଭାରଦ୍ୱାଜଙ୍କୁ ପ୍ରାର୍ଥି କରାଯାଇଥିବା ବେଳେ ଦଲଜିତ ସିଂହ' ଆମ ଆଦମୀ ପାର୍ଟି ତରଫରୁ ଏହି ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ବିଜେପିର ବିଦ୍ରୋହୀ ପ୍ରାର୍ଥୀ ଶଶି ରଂଜନ ପାରମର ସ୍ୱାଧୀନ ଭାବେ ଚଳିତ ନିର୍ବାଚନରେ ଅବତିର୍ଣ୍ଣ ହୋଇଛନ୍ତି । ମତଦାତାମାନେ ସୁରୁଖୁରୁରେ ଯେଭଳି ମତାଧିକାର ସାବ୍ୟସ୍ତ କରିପାରିବେ ସେଥିଲାଗି ତୋଷାମ ବିଧାନସଭା ମଣ୍ଡଳୀରେ ମୋଟ୍ ୨୩୩ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ୟୁଏନ୍‌ଏସ୍‌ସି-ଇଣ୍ଡିଆ

ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଭ୍ୟ ଭାବେ ଅନ୍ତର୍ଭୁକ୍ତ କରିବା ଉପରେ ଚିଲିର ରାଷ୍ଟ୍ରପତି ଗାର୍ବିଏଲ୍ ବୋରିକ୍ ଫଣ୍ଟ ଗୁରୁତ୍ୱାରୋପ କରିଛନ୍ତି । ନ୍ୟୁୟର୍କ ଠାରେ ମିଳିତ ଜାତିସଂଘର ସାଧାରଣ ପରିଷଦର ୭୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି, ଶ୍ରୀ ଫଣ୍ଟ କହିଛନ୍ତି, ୧୯୪୫ ମସିହାରେ ମିଳିତ ଜାତିସଂଘ ସ୍ଥାପନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା ଭୂ-ରାଜନୈତିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ଭାରତକୁ ଏହାର ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ଏଥିସହିତ ଶ୍ରୀ ଫଣ୍ଟ ବ୍ରାଜିଲ୍ ସମେତ ଆଫ୍ରିକୀୟ ଦେଶ ଗୁଡ଼ିକ ମଧ୍ୟରୁ ଅନ୍ତତଃ ଗୋଟିଏ ଦେଶକୁ ଏହି ପରିଷଦରେ ସ୍ଥାୟୀ ସଦସ୍ୟ ରୂପେ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

ଗତ ରବିବାର ଦିନ କ୍ୱାଡ୍ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଦ୍ୱିପକ୍ଷିୟ ଆଲୋଚନା ସମୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପ୍ରତି ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ରୁଷ ମଧ୍ୟ ଏଥିଲାଗି ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛି । ରୁଷର ବୈଦେଶିକ ବ୍ୟାପାର ମନ୍ତ୍ରୀ ସେର୍‌ଗି ଲାଭ୍‌ରୋଭ୍ କହିଛନ୍ତି, ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଲାଗି

ଭାରତ, ବ୍ରାଜିଲ୍ ଏବଂ ବିକାଶଶୀଳ ଦେଶ ଗୁଡ଼ିକୁ ପ୍ରତିନିଧିତ୍ୱ କରୁଥିବା ଯେକୌଣସି ଆଫ୍ରିକୀୟ ଦେଶ ପ୍ରତି ମସ୍କୋର ପୂର୍ଣ୍ଣ ସମର୍ଥନ ରହିଛି ।

## ବ୍ୟାଡ୍‌ମିଣ୍ଟନ

ମାକାଉ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ବର୍ଗର ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତର କିଦାମ୍ବୀ ଶ୍ରୀକାନ୍ତ, ଇସ୍ରାଏଲ୍‌ର ଡାନିଲ୍ ଡୁବୋଭେଙ୍କୋଙ୍କୁ ୨୧-୧୪, ୨୧-୧୫ ସେଟ୍‌ରେ ପରାସ୍ତ କରିଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରେ ଆଘାତପ୍ରାପ୍ତ ହେବା ପରଠାରୁ କିଦାମ୍ବୀ ଶ୍ରୀକାନ୍ତ ପ୍ରଥମଥର  ଏହି ମ୍ୟାଚ୍ ଖେଳୁଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଏମ୍. ସିକ୍କି ରେଡ୍ଡୀ ଓ ବି. ସୁମିତ ରେଡ୍ଡୀ ମ୍ୟାଲେସିଆର ହୋ-ଲୋ-ଇ ଏବଂ ଲୁ ବିଙ୍ଗ୍ କୁନ୍‌ଙ୍କ ଯୋଡ଼ିକୁ ୨୪-୨୨, ୧୦-୨୧, ୨୧-୧୩ରେ ପରାସ୍ତ କରିଛନ୍ତି ।